# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୮ ମସିହା ଜୁନ୍ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ଖରାଟିଆ ଧାନ:**

କମବାଇନ୍ ହାରବେଷ୍ଟର ବ୍ୟବହାର କରି ଧାନ ଅମଳ କରନ୍ତୁ । ଥ୍ରେସର ବ୍ୟବହାର କରି ଧାନ ଝାଡି କରି ଉଇନର ସାହାଯ୍ୟରେ ସଫାକରି ଦିଅନ୍ତୁ । ଧାନ ସାଇତି ରଖିବା ପୂର୍ବରୁ ସେଥିରେ ଆର୍ଦ୍ରତା ଶତକଡ଼ା ୧୨-୧୪% ଭାଗ ରହିବା ଦରକାର । ଖରାରେ ଭଲଭାବେ ସୁଖିଗଲା ପରେ ତାକୁ ପଲିଥିନ୍ ବ୍ୟାଗ୍ ରେ କିମ୍ବା ଅଖାରେ ସାଇତି ରଖନ୍ତୁ ।

**ସୁଖିଲା ସିଧା ବୁଣାଧାନ ନିମନ୍ତେ :**

- ❖ ଅତି ଖାଲୁଆ ଜମି ଯେଉଁଠାରେ ଧାନ ସିଧା ବୁଣା ଯାଏ, ସେହି ସ୍ଥାନରେ ଭଲଭାବରେ ଶେଷ ଓଡ଼ ଚଷ କରି ଜମି ସମତୁଲ କରିଦିଅନ୍ତୁ । ହାଲୁକା ମାଟି ଥିବା ସ୍ଥାନରେ ରୋଟାଭେଟର ବ୍ୟବହାର କରି ମାଟିକୁ ଭଲଭାବରେ ଗୁଣ୍ଡ କରିଦିଅନ୍ତୁ ।
- ❖ ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆ ଜମି ଯେଉଁଠାରେ ଧାନ ସିଧାବୁଣା କରାଯାଏ ସେଠାରେ ମଧ ଶେଷ ଓଡ଼ ଚଷ ସାରିଦିଅନ୍ତୁ ।
- ❖ ଶେଷ ଓଡ଼ ଚଷ ସମୟରେ ଗୋବର ଖତ ପ୍ରତି ଏକର ପିଛା ୮ କୁଇଣ୍ଟାଲ ହିସାବରେ ପ୍ରୟୋଗ କରନ୍ତୁ ।
- ❖ ସ୍ୱଳ୍ପ ଖାଲୁଆ ଏବଂ ଖାଲୁଆ ଜମିରେ ଏକର ପିଛା ୧୨ କି.ଗ୍ରା. ଫସଫରସ୍ (ପ୍ରାୟ ୭୫ କି.ଗ୍ରା ସିଙ୍ଗଲ୍ ସୁପର ଫସ୍‌ଫେଟ୍ କିମ୍ବା ୨୭ କି.ଗ୍ରା. ଡି.ଏ.ପି) ପ୍ରୟୋଗ କରନ୍ତୁ ଏବଂ ସ୍ୱଳ୍ପ ଖାଲୁଆ ଏବଂ ଖାଲୁଆ ଜମିରେ ଫସ୍ ଫରସ୍ ଏକର ପିଛା ୮ କି.ଗ୍ରା.(ପ୍ରାୟ ୫୦ କି.ଗ୍ରା ଏସ୍.ଏସ୍.ପି କିମ୍ବା ୧୮ କି.ଗ୍ରା. ଡି.ଏ.ପି) ଶେଷ ଓଡ଼ ଚଷ ସମୟରେ ପ୍ରୟୋଗ କରନ୍ତୁ ।
- ❖ ମଧମ ଖାଲୁଆଜମି ପାଇଁ ଧାନ କିସମ ଯଥା ଗାୟତ୍ରୀ, ଶାରଳା, ଉପହାର, ବର୍ଷାଧାନ ଏବଂ ଦୁର୍ଗା ବ୍ୟବହାର କରନ୍ତୁ । ଖାଲୁଆ ଜମି ନିମନ୍ତେ ଜଳମଣି, ଜୟନ୍ତୀଧାନ, ସି.ଆର.ଧାନ-୫୦୦, ସି.ଆର.ଧାନ-୫୦୫ ଇତ୍ୟାଦି ବ୍ୟବହାର କରନ୍ତୁ । ଏକର ପିଛା ଭଲ ବିହନ ୩୦ ରୁ ୩୫ କି.ଗ୍ରା. ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ।
- ❖ ଧାନ କିସମ ଯଥା ସ୍ୱର୍ଣ୍ଣ, ପୂଜା, ସି.ଆର.ଧାନ-୩୦୦, ସୁମିତ୍, ପ୍ରତୀକ୍ଷା, ରାଣିଧାନ, ସି.ଆର.ଧାନ-୪୦୭ ଇତ୍ୟାଦି ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆ ଜମିରେ ପାଇଁ ବ୍ୟବହାର କରନ୍ତୁ । ମାତ୍ର ବର୍ଷାଶ୍ରୀତ ବନ୍ୟା ପ୍ଳାବିତ ଅଞ୍ଚଳ ପାଇଁ ସ୍ୱର୍ଣ୍ଣସବ୍-୧, ଗାୟତ୍ରୀ, ଚକାଆଖି, ରୀତା ଇତ୍ୟାଦି ବ୍ୟବହାର କରନ୍ତୁ । ସିଧା ବୁଣା ସ୍ଥାନରେ ଭଲ ବିହନ ସଂଗ୍ରହ କରି ପ୍ରତି ଏକର ପିଛା ୨୫-୩୦ କି.ଗ୍ରା. ହିସାବରେ ବିହନ ବୁଣାବୁଣି ସାରି ଦିଅନ୍ତୁ ।

- ❖ ବିହନକୁ ବୁଣିବା ପୂର୍ବରୁ ପ୍ରତି ଏକ କି.ଗ୍ରା. ବିହନକୁ ୧.୫ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ୨୫ ଡବ୍ଲ୍ୟୁ.ପି. ରେ ବିଶୋଧନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ୨୦ x ୧୫ ସେ.ମି. ବ୍ୟବଧାନରେ ସିଧା ବୁଣା କରିଦିଅନ୍ତୁ ।

- ❖ ଉଚ୍ଚାଜମି ପାଇଁ ସହଭାଗୀଧାନ, ସତ୍ୟଭାମା, ଅନ୍ନଦା, ଖଣ୍ଡଗିରୀ, ଉଦୟଗିରୀ ସିଦ୍ଧାନ୍ତ, ବନ୍ଦନା, ଅଞ୍ଜଳୀ ଇତ୍ୟାଦି  କିସମ ବ୍ୟବହାର କରନ୍ତୁ । ବିହନ ସର୍ବଦା ଭଲ ସ୍ଥାନ ଯଥା ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ ଏବଂ କୃଷି କାର୍ଯ୍ୟାଳୟରୁ ସଂଗ୍ରହ କରନ୍ତୁ ।

<u>ରୁଆ ଧାନ ନିମନ୍ତେ</u> :

- ❖ ପ୍ରାକ୍ ମୌସୁମୀ ବର୍ଷା ହେବା ପରେ ସୁଖିଲା ତଳିଘରା ପ୍ରସ୍ତୁତ କରିଦିଅନ୍ତୁ ।

- ❖ ଜଳସେଚିତ ମଧ୍ୟମ କିସମ ଜମି ପାଇଁ ଧାନ କିସମ ଯଥା ନବୀନ୍, ଲଲାଟ, ସି.ଆର.ଧାନ-୩୦୫, ସି.ଆର.ଧାନ-୩୦୪, ସି.ଆର.ଧାନ-୩୦୭ ଏବଂ ଶଙ୍କର କିସମ ଯଥା, ଅଜୟ ଏବଂ ରାଜଲକ୍ଷ୍ମୀ ଇତ୍ୟାଦି ବ୍ୟବହାର କରନ୍ତୁ । ମାତ୍ର ଜଳସେଚିତ ଖାଲୁଆ ଜମି ପାଇଁ ସ୍ୱର୍ଣ୍ଣ, ପୂଜା, ସି.ଆର.ଧାନ-୩୦୦, ସି.ଆର.ଧାନ-୭୦୧(ସଙ୍କର କିସମ) ଇତ୍ୟାଦି ବ୍ୟବହାର କରନ୍ତୁ ।

- ❖ ପ୍ରାକ୍ ମୌସୁମୀ ବର୍ଷା ପରେ ରୁଆଧାନ ହେଉଥିବା ଅଞ୍ଚଳରେ ହେକ୍ଟର ପିଛା ୨୦-୨୫ କି.ଗ୍ରା. ହିସାବରେ ଧଣିଚା ବୁଣି ଦିଅନ୍ତୁ ।

*****